# ବକ୍ସି ଜଗବନ୍ଧୁ ସାହିତ୍ୟ ସଂସଦ

## ବି.ଜେ.ଇ.ଏମ୍. ସ୍କୁଲ, ଭୁବନେଶ୍ୱର



# ଶ୍ରଦ୍ଧା ସୁମନ

ବାପୁଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ସ୍ୱତନ୍ତ୍ର ବିଶେଷାଙ୍କ

ଅକ୍ଟୋବର ୨ ତାରିଖ ୨୦୨୦ ଶୁକ୍ରବାର

## ସମ୍ପାଦକଙ୍କ କଲମରୁ...



ଯେଉଁମାନଙ୍କ ଜନ୍ମରେ ଜନନୀ ବୁକୁରେ ଫୁଟିଉଠେ ସପ୍ତରଙ୍ଗୀ କୁସୁମର ଖିଲି-ଖିଲି ହସ, ଅତଳ ଜଳଧି ଜଳରେ ନାଚିଉଠେ ଆନନ୍ଦର ଅସୁମାରୀ ଜୁଆର ଏବଂ ଯେଉଁମାନଙ୍କ ମହାପ୍ରୟାଣରେ ସାରା ସଂସାରରେ ଅନୁଭୂତ ହୁଏ ମରୁଭୂମିର ଶୁଷ୍କତା ଆଉ ଅଶ୍ରୁର ବନ୍ୟାରେ ଧୌତ ହୁଏ ଭାରତ ଜନନୀର ପଦ ଯୁଗଳ, ସେହି ଯୋଗଜନ୍ମା- ମହାମାନବ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଅବସରରେ ବକ୍ସି ଜଗବନ୍ଧୁ ସାହିତ୍ୟ ସଂସଦ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ କାଳଜୟୀ ମହାପୁରୁଷଙ୍କ ଆଦର୍ଶରେ ସମଗ୍ର ମାନବଜାତି ଅନୁପ୍ରାଣିତ ହେଉ ବୋଲି ଅନୁରୋଧ କରୁଅଛି।

ପଥ ବନ୍ଧୁର ହେଲେ ବି ଉଦ୍ଦେଶ୍ୟ ଯଦି ମହତ ତେବେ ଲକ୍ଷ୍ୟଭେଦ ସୁନିଶ୍ଚିତ, ସଂସଦର ଇ-ପତ୍ରିକାକୁ ସାଫଲ୍ୟ ମଣ୍ଡିତ କରିବାରେ ଗାନ୍ଧୀ ଅନୁରକ୍ତଙ୍କ ଶ୍ରଦ୍ଧା ସୁମନ ଅର୍ପଣ ପାଇଁ ଅଶେଷ ଧନ୍ୟବାଦ।

ଆଶା ଓ ବିଶ୍ୱାସ, ପତ୍ରିକାଟି ପାଠକୀୟ ରୁଚିସମ୍ପନ୍ନ ହେବ ।

(ତ୍ରୁଟି ମାର୍ଜନୀୟ ମହତ ଗୁଣ)

(ନଳିନୀକାନ୍ତ ମହାନ୍ତି)
ସମ୍ପାଦକ



Mahatma Gandhi is a huge global influence, he's today more than just an Indian, one who belongs to all of humanity. He gave the world the greatest weapon – Satyagraha Non violence. Today more than ever, when the entire world is at strife, moving towards war and violence, there is an urgent need to re-visit the ideal and principles of truth and non violence.

When we think of Gandhiji, the picture that flashes before our eyes is that of the Mahatma at his spinning wheel teaching us the lesson of being 'Swavalamban'- self sufficiency! Somewhere along the passage of time we forgot the all important message and started importing all sort of things, resulting in making China so strong that now it has become a threat to our sovereignty. Now our Prime Minister has again reminded us the virtue of being 'Aatmnirbhar'- just another word for Gandhiji's Swavalamban. Religious pluralism is another important belief of the Mahatma and is very important in today's context too. A lot of blood has been shed in the name of religion. When multiple religious beliefs co-exist, there is a greater exchange of ideas and people have freedom to choose their faith. Religious diversity has actually led to greater peace in countries that practice plurality and it has a pacifying effect.

Mahatma Gandhi remains a relevant thinker even today and 'we may ignore him at our risk' (Martin Luther King Jr.).

Sandhya Jena
Principal-cum-
President, BJ Sahitya Sansad



ଦୀର୍ଘ ସଂଗ୍ରାମର ପରିଣତି ଘଟିଲା ୧୯୪୭ ଅଗଷ୍ଟ ୧୫ରେ। ପ୍ରଥମ ଥର ପାଇଁ ବିଶ୍ୱ ଇତିହାସରେ ବିନା ରକ୍ତପାତରେ ଭାରତ ସ୍ୱାଧୀନତା ପାଇଲା । ଦୀର୍ଘ ୨୦୦ ବର୍ଷର ଗୋଲାମର ଅବସାନ ଘଟି ମୁକ୍ତିର ସୂର୍ଯ୍ୟୋଦୟ ଘଟିଲା, ଗାନ୍ଧିଜୀଙ୍କ ସ୍ୱପ୍ନ ସାକାର ହେଲା । ଆଜି ଗାନ୍ଧିବାଦକୁ ସାକାର କରିବା ପାଇଁ ଏକ ପରିବର୍ତ୍ତନ ଅପରିହାର୍ଯ୍ୟ । ଗାନ୍ଧିଜୀଙ୍କ ୧୫୧ତମ ଜନ୍ମବାର୍ଷିକୀରେ ଆମେ ତାଙ୍କ ନୀତି ପାଳନ କରି ଗାନ୍ଧିବାଦରେ ନିଜକୁ ସମର୍ପଣ କରି ସମାଜ ସଂସ୍କାର ନିମିତ୍ତ ବ୍ରତୀ ହେବା ଆବଶ୍ୟକ।

ଏହି ପ୍ରକାଶନ “ଶ୍ରଦ୍ଧା ସୁମନ” ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଏବଂ ସାହିତ୍ୟ ସଂସଦର ଏକ ପ୍ରଶଂସନୀୟ ଉଦ୍ୟମ । ମୁଁ ଏହି ପ୍ରକାଶନର ସମ୍ପୂର୍ଣ୍ଣ ସଫଳତା ଏବଂ ଅନୁଷ୍ଠାନର ଉନ୍ନତି କାମନା କରିବା ସହିତ ଏଥିସହ ଜଡ଼ିତ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।

ଶ୍ରୀମତୀ ପଲ୍ଲବୀ ମହାପାତ୍ର
ଉପାଧ୍ୟକ୍ଷା, ବିଜେଇଏମ୍ ସ୍କୁଲ
ଉପସଭାପତି, ସାହିତ୍ୟ ସଂସଦ

## ବାପୁ !

ଛଳନାର ଗୋଟିଏ ଗୁଳିରେ
ହେ ରାମର ଆର୍ତ୍ତ ଚିତ୍କାର
ସ୍ୱାଧୀନତାର ସ୍ୱର୍ଶରେ
ପୁଲକିତ ଭାରତ ମାଟି ।
ରକ୍ତ ରଂଜିତ
କିଏ ହିନ୍ଦୁ, କିଏ ମୁସଲମାନ
ଗୀର୍ଜା, ଦେଉଳ, ମସ୍‌ଜିଦ୍
ସବୁ ଏକ ହୋଇଗଲେ
ଭୁଲି ଭେଦଭାବ
ଗାଇଲେ ସଭିଏଁ ତୁମରି ଗାନ ।
ଗାନ୍ଧୀବାଦରେ ସମସ୍ତେ ସମାନ
ମାନବିକତାର ଡାକରାରେ
ଆଜିବି ବୁକୁ ଫଟାଏ
ଏକ ମୂର୍ଚ୍ଛନା ମୂର୍ଚ୍ଛିତ ହୁଏ
ସବୁରି ପ୍ରାଣେ ।
ମହାତ୍ମା ତୁମେ ଅମର
ତୁମେ ଚିରକାଳ ଅମର ।

ପଲ୍ଲବୀ ମହାପାତ୍ର
ଉପାଧ୍ୟକ୍ଷା

## ହେ ବାପୁ !

ବାଡ଼ିଟିଏ ଧରି ଦାଣ୍ଡକୁ ବାହାରି
ଅହିଂସାକୁ ଅସ୍ତ୍ର କରି
କେମିତି ସାହସ କରିଲ ହେ ବାପୁ
ଫିରିଙ୍ଗି ଯେ ଗଲା ଡରି ।

ସ୍ୱରାଜ ଆଣିଲ ସୂରୁଜ ଉଇଁଲା
ହସିଲା ଭାରତ ମାତା
ମୁକ୍ତିର ଆଲୋକ ବିଞ୍ଚି ଦେଇ ତୁମେ
ହୋଇଲ ଜଗତଜିତା ।

ନଳିନୀକାନ୍ତ ମହାନ୍ତି
ଓଡ଼ିଆ ବିଭାଗ

## ଭିନ୍ନ ଏକ ଦ୍ୱିତୀୟ ପୃଥିବୀ



ହେ ଊନବିଂଶ ଶତାବ୍ଦୀର ଶ୍ରେଷ୍ଠ ମାନବ -
ମୃତ୍ୟୁଞ୍ଜୟୀ ବରେଣ୍ୟ ବାପୁ
ହେ ଯୋଗଜନ୍ମା ! ଯୁଗଜ୍ୟୋତି ! ଜାତିର ଜନକ !
ଶାନ୍ତି, ମୈତ୍ରୀ, ସାମ୍ୟବାଦର ଉଜ୍ଜ୍ୱଳ ପ୍ରଦୀପ
ହେ ବିଶ୍ୱଜୟୀ ବିଶ୍ୱକର୍ମା
ଆଗଛନ୍ତୁ, ହେ ମହାଭାଗ !
ଆଉ ଏକବାର ଏ ବିଶ୍ୱ ରଙ୍ଗମଞ୍ଚେ
ସତ୍ୟର ନିହଣ ମୁନେ ରଚିବାକୁ ଭିନ୍ନ ଏକ 'ଦ୍ୱିତୀୟ ପୃଥିବୀ'
ଆଜିର ଏ ପୂଣ୍ୟ ତିଥି, ପବିତ୍ର ଦିବସେ
ସାଜି 'ଭଗୀରଥ' ଭସାଇ ଏ ଧରାପୃଷ୍ଠ ପାବନୀ ପୀୟୂଷେ
କରି ପୁଲକିତ ସୁପ୍ତ ମାନବର ଚିନ୍ତା ଓ ଚେତନା
କରନ୍ତୁ ସୃଷ୍ଟି ଏକ ସୁସ୍ଥ ମାନବ ସମାଜ ଓ ନୂଆ ସମ୍ଭାବନା ।

ଶିବାନୀ ପଟ୍ଟନାୟକ
ସହ-ସମ୍ପାଦିକା

## ହେ ଅବତରୀ

ବୀର ପ୍ରସବିନୀ ଭାରତ ଜନନୀ
କୋଳରେ ଜନମି ତୁମେ
ଧନ୍ୟ କରିଲ ଏ ବେଦ ଭୂମିକୁ
ଧନ୍ୟ ହୋଇଲୁ ଆମେ ।
ଏ ଜାତିର ଅମା-ବାସ୍ୟାକୁ ଘୁଞ୍ଚାଇ
ଆଣିଲ ପୂର୍ଣ୍ଣମୀ ଚାନ୍ଦ
ସେ ଚାନ୍ଦରେ ଆଜି କଳଙ୍କ କାଳିମା
ସ୍ୱାର୍ଥରେ ଜନତା ଅନ୍ଧ ।
ଭୁଲିଛି ଏ ଜାତି ତୁମରି ଆଦର୍ଶ
ଭୁଲିଛି ତୁମ ଅହିଂସା
ଦୁଃଶାସନର କୁହାଟ ଶୁଭଇ
ଚାରିଆଡ଼େ ଖାଲି ହିଂସା
ବାପୁ ! ଆସିବକି ଅବତରୀ
ଏ ଜାତି ଯାଆନ୍ତା ସୁଧୁରୀ ।

ବରଦା ପ୍ରସାଦ ପାଇକରାୟ
ପ୍ରଶାସନିକ ପର୍ଯ୍ୟବେକ୍ଷକ

## ଆଉଥରେ ଜନ୍ମନିଅ

ଜାତିର ଜନକ ଗାନ୍ଧୀ ମହାତମା ଜାତିର ଗର୍ବ ଗୌରବ
ଅହିଂସା ଅସ୍ତ୍ରରେ ଦେଶ ମୁକ୍ତି କଲ ଯାହା ଥିଲା ଅସମ୍ଭବ ।
ସ୍ୱାଧୀନତା ଫଳ ଚଖାଇ ସହଜେ ଚାଲିଗଲ ଆରପୁରେ
ତୁମ ତ୍ୟାଗ ଆଉ ବଳିଦାନ ପାଇଁ ଦେଶର ଜନତା ଝୁରେ ।
ତୁମେ ଦେଖିଥିବା ସ୍ୱପ୍ନର ଭାରତ ରହିଛି ଅଧୁରା ହୋଇ
ଗର୍ବ ଅହଂକାର ହିଂସାଦ୍ୱେଶ ଆଜି ଦେଶରେ ଯାଇଛି ଛାୟୀ ।
ଦେଶର ଅବସ୍ଥା ଅତି ଶୋଚନୀୟ ଆସି ଥରେ ଦେଖିଯାଅ
ଏ ଜାତିର ଦୁଃଖ ହଟାଇବା ପାଇଁ ଆଉ ଥରେ ଜନ୍ମ ନିଅ ।

ବିଦ୍ୟାଧର ଶଙ୍ଖୁଆ
ଓଡ଼ିଆ ବିଭାଗ

## ଅହିଂସା ଢାଲ

ସତ୍ୟ ତରବାରୀ ଅହିଂସା ଢ଼ାଲରେ
ବାପୁ, ତୁମେ କେତେ ଶତ୍ରୁ ଜିଣିଗଲା ।
କି ମନ୍ତ୍ର ଫୁଙ୍କିଲ ଭାରତୀୟ କାନେ
ସବୁ ହୃଦୟକୁ ଜିତିଗଲ ।
ଦୟା, କ୍ଷମା, ଶାନ୍ତି ଦୈବୀ ଗୁଣରେ
ଗଢ଼ିଲ ମଣିଷ ବିଶ୍ୱଜୟୀ ହେବା ପାଇଁ,
କେତେ ଜ୍ଞାନୀ, ବୀର, ପଣ୍ଡିତ ମଣ୍ଡଳୀ
ଭାବିଲେ ତୁମକୁ ଏ ଯୁଗର ଭାବସାଇଁ ।।
ତୁମ ଭାବାଦର୍ଶେ ଚାଲିଲେ ମଣିଷ
ପୁଣି, ରାମରାଜ୍ୟ ଫେରିବ,
ସେବା, ଧର୍ମ, ତ୍ୟାଗ, ସହାନୁଭୂତିରେ
ସାରା ବିଶ୍ୱ ହସି ଉଠିବ ।।

ସତ୍ୟରଞ୍ଜନ ବଳିୟାରସିଂହ
ଓଡ଼ିଆ ବିଭାଗ

## ଆତ୍ମନିର୍ଭର ଭାରତ

ସ୍ୱାଧୀନ ଭାରତ ସ୍ରଷ୍ଟା ତୁମେ ବାପୁ
କରେ ଯୋଡ଼ି କରେ ମିନତି,
ଦେଢ଼ଶହ ତମ ଜନ୍ମ ବାର୍ଷିକୀରେ
ଜଣାଉଛି ଶତ ପ୍ରଣତି । ।୧।
କହିଥିଲ ତୁମେ ସତ୍ୟ-ଅହିଂସା
ନ୍ୟାୟପଥ କେବେ ଛାଡ଼ିବନି
ଖରାପ ବଚନ କହିବନି କେବେ
ଶୁଣିବନି ଅବା ଦେଖିବନି । ।୨।
ବିସ୍ମରିଲେ ସବୁ ସେ କଥା ତୁମର
କଳୁଷିତ ହେଲା ଭ୍ରାତୃଭାବ ।
ଅଳିଆ ନର୍ଦ୍ଦମା ସର୍ବତ୍ର ଭରିଲା
ଭରିଗଲା ପୁଣି ଭେଦଭାବ । ।୩।
ଉଚ୍ଚନୀଚ ଆଉ ଜାତିବାଦ ହେତୁ
ଦଳିତ ପତିତ ହେଲେ ଶୋଷିତ,
ଦୁର୍ନୀତି ଆଉ ହତ୍ୟା ରକ୍ତପାତେ
ଦେଶବାସୀ ସବୁ ହେଲେ ପୀଡ଼ିତ । ।୪।
ରାମରାଜ୍ୟ ସ୍ୱପ୍ନ ରହିଲା ଅପୂର୍ଣ୍ଣ
ବ୍ୟଥିତ ଶାନ୍ତି କପୋତ,
ଆଜି ଏ ଦୁର୍ଦ୍ଦିନେ ମାଗେ ଆଶୀର୍ବାଦ
ଦେଶ ମୋର ହେଉ ସ୍ୱଚ୍ଛ ବିକଶିତ ।
ଆତ୍ମନିର୍ଭର ହେଉ ମୋ ଭାରତ । ।୫।

ଅନ୍ନପୂର୍ଣ୍ଣା ପରିଡ଼ା
ସଂସ୍କୃତ ବିଭାଗ

## ସ୍ମୃତିରୁ

ମାନସ ପଟକୁ ଟାଣିଲେ ପଛକୁ
ଭାସିଉଠେ କେତେ ସ୍ମୃତି
ମହାନ ଆତ୍ମାର ସ୍ୱନକ୍ଷତ୍ର ଆଜି
ଅହିଂସା ଯାହାର ନୀତି ।
ନୀତି ଆଦର୍ଶର ସରଳତା ।ସହ
ଅସହଯୋଗରେ ମାତି
ପର ଅଧିନରୁ ମୁକ୍ତ ହେଲୁ ଆମେ
ଘେନ ହେ ମୋର ପ୍ରଣତି ।
ଶ୍ରଦ୍ଧାଞ୍ଜଳି ଆମ ଶ୍ରଦ୍ଧାର ସୁମନ
ଘେନ ହେ ଜାତିର ପିତା
ତୁମ ପାଦେ କୋଟି ପ୍ରଣାମ ହେ ବାପୁ
ଆଜି ତୁମ ପୁଣ୍ୟ ଜୟନ୍ତୀ ।

ତୃପ୍ତିମୟୀ ରାଉତ
ଓଡ଼ିଆ ବିଭାଗ

## ମାଆର ଚିନ୍ତା

ଭାରତ ଜନନୀ ଖୋଜୁଛି ହେ ବାପୁ
ପୁଣି ଥରେ ଜନ୍ମ ନିଅ
ବିଦେଶୀ ଶାସନ ନଥିଲେ କି ହେଲା
ଶୁଖୁନି ତା ଆଖି ଲୁହ
ଏ ଜାତିର ନାଆ ବାହିବା ପାଇଁ ଯେ
ନିଃସ୍ୱାର୍ଥ ମଣିଷ ଲୋଡ଼ା
ମଙ୍ଗୁଆଳ ହୋଇ କୂଳେ ଲଗାଇବ
କିଏ ଅଛି ତୁମ ଛଡ଼ା ।
ତୁମ ଜନ୍ମଦିନ ପାଳିଲେ କି ହେବ
ଭୁଲିଛି ତୁମର ରାସ୍ତା
ନୀତିହୀନ ଆଜି ଏ ସାରା ଜଗତ
ମାଟି-ମାଆ ମନେ ଚିନ୍ତା ।

ଦେବେନ୍ଦ୍ର ହରିଚନ୍ଦନ
ଅଫିସ ସୁପରିଣ୍ଟେଣ୍ଡେଣ୍ଟ

## ପିତା ମହାତ୍ମା

ହାତରେ ବାଡ଼ି ବାଡ଼ାଏ ନାହିଁ,
ଆଖିରେ ଚଷମା ଉଣ୍ଡେ ନାହିଁ
ଗଭୀର ଜ୍ଞାନ ଗର୍ବ ନାହିଁ
ଅନ୍ୟାୟ ବଳେ ଜିତେ ନାହିଁ
ଏମିତି ବାପା ଜଗତେ କାହିଁ ?
ଏମିତି ବାପା ଜଗତେ କାହିଁ ? ।।

ସତ୍ୟ ନ୍ୟାୟ ନିଷ୍ଠା ଧରି
ସ୍ମିତ ହସ ମୁଖେ ଭରି
ଧଳା ଚାଦରକୁ ଢ଼ାଳ କରି
ଆଗେଇ ଚାଲେ କିଛି ନଡରି
ଏମିତି ବାପା ଜଗତେ କାହିଁ ?
ଏମିତି ବାପା ଜଗତେ କାହିଁ ? ।।

ସ୍ନେହ ଶ୍ରଦ୍ଧା ସହିଷ୍ଣୁତାର ମାଳ
ଶତ୍ରୁକୁ ମଧ୍ୟ କରେ ଅଚଳ
ସାହସ ଅଦମ୍ୟ ମନ ସରଳ
ଏଭଳି ଅଟେ ତି ବିରଳ ।।
ସେ ଜାତି ପିତା ସେ ଅଦୃଶ୍ୟ ବଳ
ସେ ଆମ ମହାତ୍ମା ସେ ଅମୃତ ବଳ ।।

ସୁନନ୍ଦା ମହାପାତ୍ର
ସାଇକୋଲୋଜିଷ୍ଟ



## ଆଉଥରେ ଆସ, ମହାତ୍ମା

ଆଉଥରେ ଆସ ମହାତ୍ମା, ଆଉଥରେ ଆସ ।
ଏ ମାନବ ଜାତିକୁ, ଏ ଭାରତ ଭୂଇଁକୁ
ଜାଗିଉଠୁ ଆଉଥରେ ମାନବ ହୃଦୟ
ଅସୂୟା ଭାବର ହେଉ ବିଲୟ
ଆଉଥରେ ଆସ ମହାତ୍ମା, ଆଉଥରେ ଆସ ।

ଦିଗହରା ଆଜିର ସୁପ୍ତ ତାରୁଣ୍ୟ
ସବୁଠି ଅଦୃଶ୍ୟ ଅପଶକ୍ତିର ରାଜତ୍ୱ
ଅଶାନ୍ତ, ଅସହାୟ ଆଜିର ଏ ପିଢ଼ୀ
ଖୋଜୁଛି ତୁମର ଦୃଢ଼ ନେତୃତ୍ୱ ।

ହଜି ହଜି ଯାଏ ସୁଶାନ୍ତ ସବୁଜିମା
ଲିଭି ଲିଭି ଯାଏ ଅମୂଲ୍ୟ ଭାତୃତ୍ୱ ।
ସତ୍ୟ, ଅହିଂସାର ହେ ନୀରବ ପୂଜାରୀ
ଏ ଜାତି ଲୋଡ଼େ ଆଜି ତବ ପିତୃତ୍ୱ ।

ଆଉଥରେ ଆସ ହେ ମହାତ୍ମା, ଆଉଥରେ ଆସ ।
ଘୁଞ୍ଚି ଯାଉ ଅଜ୍ଞାନର ଅନ୍ଧାର କାଳିମା
ଉଦ୍‌ଭାସିତ ହେଉ ସ୍ୱଦେଶ ଗରିମା
ଆଉଥରେ ଆସ ମହାତ୍ମା, ଆଉଥରେ ଆସ ।

ସୁଚରିତା ଦାସ
ସୁପରଭାଇଜର

## ଗାନ୍ଧୀ ନୀତି ସଦା ବଞ୍ଚି ରହିବ

ହେ ମହାତ୍ମା !
ଅନ୍ୟାୟ ବିରୁଦ୍ଧେ ସତ୍ୟାଗ୍ରହ
ଦୁର୍ନୀତି ବିରୁଦ୍ଧେ ଧାରଣା
ଜନ ଜାଗରଣ ପାଇଁ
ହିଂସା ବିରୁଦ୍ଧେ ଶାନ୍ତି ଶୋଭାଯାତ୍ରା
ଅମାନବିକତା ବିରୁଦ୍ଧେ ମଶାଲ ପଦଯାତ୍ରା
ଲାଗି ଯେମିତି
ତୁମ ଶାନ୍ତି ନୀତି ଜନ ମାନସେ

ଜିତେନ୍ଦ୍ର କୁମାର ଜେନା
ଗ୍ରନ୍ଥାଗାରିକ



## ଭାବଟିଏ!!!

କରୋନା ସହ କରିବୁ ଅହିଂସା ଲଢ଼େଇ
ବାପୁଙ୍କ ଚାଲିବା ପଥେ ।
ମୁଖେ ମାସ୍କ ପିନ୍ଧି କର୍ମ କରୁଥିବି ମୁହିଁ
ସରକାରଙ୍କ ନିୟମ ମତେ ।
ଜନଗହଳି ସ୍ଥାନକୁ ନ ଯିବି ମୁଁ ଧାଇଁ
ଦରକାର ନଥିବା ସତେ ।
ସାମାଜିକ ଦୂରତାକୁ ଜମା ନ ଭୁଲିବି
ପଛେ ଆସୁ ବ୍ୟଥା ଯେତେ
କରୋନା ଯୋଦ୍ଧାଙ୍କୁ ଧନ୍ୟବାଦ ଦେବି
ଯୋଡ଼ି ମୁଁ ଦୁଇ ହାତେ
ନମସ୍ତେ ! ନମସ୍ତେ ! ! ନମସ୍ତେ ! ! !

ଅପୂର୍ବା ଦାସ
ପି.ଜି.ଟି., କମର୍ସ

# THE TRIBUTE ..

Forget it not, my fellowmen!
The rich and the poor,
You owe your lives to those men
As gifts blessed with lilt of liberty,
Trimmed with designs of democracy,
To withstand the storms from all sides
In turns and twists,in and out.

Great are they indeed,for
In your limbs they infuse
The bliss of the Bible,
The gist of the Gita,and
The quotient of the Qur'an,
Only to strengthen you to defend
Against violence and intolerance.

You live the sweetness of their love
And enjoy the cult of their kindness,
Celebrate their selfless sacrifices too.
Such souls celestial in spirit,
Still script each episode of your life
In all norms ,in turns and turns

Let those great souls,
The living or the dead
Feel the true tribute
In each drop of your tears,
In each beat of your hearts,
In each piece of your work,
For endlessly they play their part
Should you wait yours to start?

A Tribute to Bapu,the Great Soul.

**Pradeep K Mallick**
TGT(English)

# One question, Million answers

I just ask a question to myself
Where should I begin to write
And what can I write
About such a unique peace icon Bapuji.

An unalloyed soul who gave up his life
For the liberty of his countrymen
Had gifted a dry leaf to Nehru and Patel
As his first Independence Day gift

From insulating the environment
To elevating justice
From education to inequality
He persevered giving intriguing teaching

With the strength of sea
And fire bolt in his words
Got revered the world over
For his non violent notions

I just ask a question to myself
At the cost of your noble sacrifice
Have your countrymen genuinely been freed?
Are your countrywomen really secured?
Are destitute, victim truly being protected?

Sometimes I doubt
In these days of modern cosmetics
Face can be human
Yet the soul and heart can be inhuman

Then I remember your famed saying
Stirring me, whisper in my ears
Be the change,
You wish to see in the world.

**Snigdharani Satapathy**
Soft Skill Trainer

# Good Morning World!

Bapu, did you see?
The face of the world got bitter
and it isn't sweet as before...
the principle of truth comes with an exception
simplicity and non-violence undergo rejection.

Bapu, did you see?
the corrupted heads on the forefront
playing with the lives and minds
making the world a living hell
Ripping its luster yet losing all shine.

Bapu, did you see?
the dissolving humanity and human race
where man vs man is on the pace
the engulfing negativity eating up the spirits
making us taste the venom in the golden case

Bapu did you see?
the unfulfilled dream that you have seen
didn't reach or awaken the soul
the face of the world going terribly bitter
Still I wish.... Good Morning World!

**Liza Das**
PGT, English

# MAHATMA GANDHI –
## FATHER OF THE NATION.

His heart was full of love
Towards all human beings
Himself, he was truth incarnate
And gentle like a dove.
He travelled East & West
But what was his quest?
It was for the country's sake
It was for the country's best.
He freed our country from the foreign yoke.
In a non-violent way
And gave his life for the country's sake
Facing the bullet of astray.

Hail to Bapuji
Hail,father of all country men
You have left us a great legacy
Of truth & sharing with everyone
You look so simple at the spinning wheel
Yet glory of labour to us you
have taught.
To the teeming hungry millions
Hope you have brought
your noble pain we shall tread
And strive to keep our country free
from bare and selfish thoughts
And any kind of slavery.

**Merry Juliet**
PRT, English




**Jagannath Das**
**Art Teacher**

# GANDHI

**G** ----- Great leader of our country, whom the whole world adores.

**A**------ Admirable, an outstanding world figure, whose action sounded more than words.

**N**----- Non-violence which crafted you unique, can never be thought as a weapon to fight.

**D**----- Dedication, devotion and determination made you dynamic.


**H**------ Hard work and honesty revealed your heroism.

**I** ------ Icon of peace and humanity you are!

“**Oh MAHATMA**”,

we the people of India salute you.

**Subhasree Das**
Supervisor, Primary Block



” Happiness is when what you think, what you say and what you do are in harmony.”

- Mahatma Gandhi

## ऐसा था वह..

न था गोरा, न था लंबा
न था सुंदर मुखड़ा,
ऐसा रूप दिखा गया वह
न मिला उसका जोड़ा ।

न पढ़ाई में आगे, न अक्षर सुंदर
न था किसी में पहला,
फिर भी अब्बल आ गया वह
बन गया देश का लाडला ।

न थे घोड़े, न थे हाथी
थे सिर्फ तीन बंदर,
उनके जरिए बस गया वह
हर भारतीय के अंदर

न था ताकवर, न था धनवान
था केवल हिम्मतवाला,
अपनी वाणी से ठोक दिया
अंग्रेजों के मुँह पे ताला ।

न थी बंदूक, न थी तलवार
थी सिर्फ एक लाठी,
लाठी पकड़ के ऐसा लड़ा वह
दे दी देश को आजादी ।

शाश्वती महापात्र
शिक्षिका (हिंदी विभाग)

## गांधी जी की याद में

जो सदा सत्य अहिंसा के
मार्ग को अपनाए,
महात्मा के साथ-साथ वे
भारत के राष्ट्रपिता कहलाए ।

सीधा-सादा खादी धोती
बढ़ाए उनकी शान,
फिर भी मन में न था उनका
इतना-सा अभिमान ।

आंदोलन और सत्याग्रहों का
बनते रहे हिस्सा,
दूजों के दिल में बस गए वे
बनकर सुंदर किस्सा ।

दो अक्टूबर को भारतवासी
गांधी जयंती पाले,
वतन की खातिर मर मिटे वे
थे देश के रखवाले ।

यह दिन भी अंतर्राष्ट्रीय
अहिंसा दिवस बना,
भारतमाता के इस सपूत ने
पूरे विश्व में बढ़ाई गरिमा ।

सुस्मिता बराल
शिक्षिका (हिंदी विभाग)

# Deeper Significance of Mahatma Gandhi's Worldview in the Context of COVID Pandemic

The worldview of Mahatma Gandhi anchored on non- violence and Sarvodaya is of deeper significance for understanding the the origin of COVID crisis and its evolving dynamics which has confounded humanity and pushed it to a disaster of gigantic proportions flattening the curve of human, health and economic security.

**Modern civilisation itself is a source of threat to health security**

Mahatma Gandhi incisively interrogated modern civilisation marked by incessant multiplication of wants and desires and disproportionate use of energy and resources of the planet. He boldly predicted that such a civilisation based on voluptuous consumption process would get caught in the whirlpool of crises and eventually collapse. What Gandhi said in the context of crises caused by modern civilisation is being said by present day experts and commentators to explain the origin of COVID crisis. For instance Jeffery Sachs in his book "Economics for a Crowded Planet" published in 2008 said that the way pressure on environment has been exerted by human beings because of unbridled consumption and exploitation of nature a disease would break out and spread across the world. He then very prophetically stated that the most likely place of break out of such a disease would be China.

Preference of Chinese people to consume wild life species is well known. It is indicative of the process of voluptuous consumption prevailing in most parts of the world. The novel coronavirus traced to a wildlife meat market in Wuhan makes us agonizingly aware that some humans, in their quest to satisfy their palate, even went to the extent of haunting wild animals, capturing them alive and eating their flesh and meat. Such voluptuous consumption patterns has obviously created fertile conditions for the rise and spread of the coronavirus which is a new virus for which there is no vaccine and no cure.

Rob Wallace, the author of "Big Farms Make Big Flu" in an interview on 12th March 2020, said, "Anyone who aims to understand why viruses are becoming more dangerous must investigate the industrial model of agriculture and, more specifically, livestock production. At present, few governments, and few scientists, are prepared to do so."

He poignantly observed, "When the new outbreaks spring up, governments, the media, and even most of the medical establishment are so focused on each separate emergency that they dismiss the structural causes that are driving multiple marginalized pathogens into sudden global celebrity, one after the other."

His indicting observation that, "Agribusiness is so focused on profits that selecting for a virus that might kill a billion people is treated as a worthy risk", indicates the structure and scope of ecologically unsustainable production and the consumption process which is at the root of the spread of viruses like corona.

While the novel coronavirus originated in China, the H5N2 and H5Nx viruses and mad cow disease originated in Europe. All these are related to a multiplication of wants and desires, which,

according to Mahatma Gandhi, remained the sheet anchor of modern civilization, and , he cautioned that civilization would collapse like a nine day wonder. Gandhi's Stress on Aswad, Control of Palate, Can Save humanity from Pandemic.

It is in this context Mahatma Gandhi's interrogation of mindless consumption and celebration of possessive individualism in the newly created nations states of Europe right from the 16th century assumes deeper significance. To counter reckless consumption he prescribed Aswad, control of palate and to counter possessive individualism he prescribed non-possession. Because possessive individualism combined with other factors became a factor behind violence, he prescribed and employed non-violence as a constructive remedy to establish a non-violent social, political and economic order.

In fact non-violence, non-possession, non-stealing, and Aswad became part of his Eleven Vows to rule oneself so that self rule would be ushered in by liberating India from the British rule. Those eleven vows -Satya(Truth), Ahimsa (Non-violence) Brahmacharya, Aparigraha(Non-possession), Asteya(Non Stealing), Swadeshi (Use of Indigenous Resources) Sarva Dharma Sambhav( Coexistence of all faiths) Aswad(Control of Palate) Sarira Shram(Body Labour) Sparsh Bhavana (Removal of Untouchability) and Sarvatra Bhaya Varjana (Removal of Fear)- prescribed by Gandhi to Indians for cultivation aimed at providing a moral and ethical dimension to life and struggle for our independence. In fact all those eleven vows of Gandhi gave our freedom struggle, in the words of President of India late Shri K R Narayanan, "a moral dimension".

It is worthwhile to note that Gandhi prescribed Aswad or control of palate when Indians did not have enough food to eat and millions died due to recurrent famines which were man made disasters caused by British public policies. To day when we are witnessing reckless consumption of all kinds of foods and utter lack of physical activity leading to life style diseases and even COVID crisis, the ideal of Aswad to restrain our eating habits and impose discipline on ourselves assumes enduring significance.

**Lock down and Shut Down of Reckless Consumption**

While Gandhi interrogated modern civilisation and indicted it for its stress on multiplication of wants and desires he defined civilization in terms of restraint and discipline and so wanted the ideals embodied in his eleven vows which included non-violence, non-possession, non-stealing and Aswad as its guiding principles. These are the principles which are described by modern scholars as the foundational pillars of post-materialistic world order. Therefore, the alarming spread of the coronavirus across the world and the lockdown and shutdown it has caused on human activities must usher in a lockdown and shutdown of reckless and voluptuous consumption and production process, and herald a brave new world of equality, compassion, care, and new consciousness for sustainable health, production process and human security.

**Gandhi, Panchayati Raj and bottom up approach to governance**

It is educative to note that western scholars are getting fascinated by Panchayat system of governance to deal with COVID crisis. Professor James Manor of London University in his article

“COVID Crisis: Valuable Grassroots Lessons Ignored” regretfully observed that top down approach followed in USA, UK and even in India to deal with COVID crisis has failed in achieving desired results of containing it. He persuasively argued for a bottom up approach from Panchayat level upwards to stop the spread of the novel coronavirus. In this context he referred to the way in which Kerala and Karnataka harnessed the Panchayat system to mobilize grassroots leaders and people to fight COVID crisis and urged the Indian, UK and US Governments to follow a bottom up approach. The way in which the Odisha Government invested the power of Collector with Sarpanches of Panchayats and enabled them to open quarantine centers for COVID infected patients has been appreciated by the World Health Organisation in its report "From governance to community resilience: Odisha’s response to COVID-19" published on 17th September 2020. (https://www.who.int/india/news/feature-stories/detail/from-governance-to-community-resilience-odisha-s-response-to-covid-19). It is quite striking that Mahatma Gandhi stressed on Panchayat system for promoting the cause of democracy, empowerment of people and above all for ensuring village sanitation and hygiene which are now indispensable to counter and defeat COVID 19.

**Gandhi and Scientific Understanding of Epidemic**

Gandhi's commitment to science was amply reflected by the title of his book "The Story of My Experiments with Truth". Since experiment is at the heart of scientific approach Gandhi's experiment with truth brought out his adherence to basic principles of science to pursue his objectives and at the same time to keep his mind open. His statement that he only had glimpses of truth and not the whole truth and pursued it with an open mind testify to the scientific approach he adopted in life. He once said that a great science would be required to build a bridge over Ganga and he wanted a greater science to build implements for village people. It is instructive to note that he employed a scientific approach to understand origin of many epidemics including plague and cholera. When many people attributed the origins of plague to Gods and Goddesses he disapproved of such approaches and urged them to see scientific and medical reasons behind the incidences of such diseases which claimed millions of lives. Being an ardent protagonist of sanitation and hygiene he looked at all these aspects from the perspective of science and famously said in 1925 that “Science of sanitation is more ennobling than science of healing”. When there is no medicine and vaccine against COVID 19 and across the world non pharmaceutical measures are being prescribed for preventing the spread of infection caused by novel coronavirus Mahatma Gandhi’s stress of “science of sanitation” as a better strategy than “science of healing” sounds so contemporary in the context of COVID crisis.

When the country is celebrating 150th birth anniversary of Mahatma Gandhi and when the world is confronting COVID crisis endangering health, human and economic security the worldview of Gandhiji rooted on non-violence, bottom up approach of governance and science of sanitation constitute remedy for salvaging humanity from this man made disaster causing existential crises.

**Sri Satyanarayan Sahu**
**Eminent Gandhian Scholar**

# ମୁକ୍ତି ସମ୍ମାନ

୧୯୨୧ ରୁ ୧୯୪୬ ପଚିଶ ବର୍ଷ ଭିତରେ ଜାତିର ପିତା ମହାତ୍ମାଗାନ୍ଧୀ ଆଠଥର ଓଡ଼ିଶା ଆସି ବିଭିନ୍ନ ଅଞ୍ଚଳରେ ୬୯ ଦିନ ରହିଥିଲେ । କେବଳ ଖଦୀଗସ୍ତ ଓ ହରିଜନ ଗସ୍ତରେ ଏ ମଧ୍ୟରୁ ୪୮ ଦିନ ବିତିଥିଲା । ଓଡ଼ିଶାର ଦାରିଦ୍ର୍ୟ ଓ ବନ୍ୟା , ବାତ୍ୟା, ମରୁଡ଼ି ପ୍ରପୀଡ଼ିତ ଲୋକଙ୍କ ଜୀବନ ଓ ଜୀବିକା ତାଙ୍କୁ ଏତେ ବେଶି ବ୍ୟତିବ୍ୟସ୍ତ କରିଥିଲା ଯେ ସେ ଉଲ୍ଲେଖ କରିଥିଲେ ଯେ ପ୍ରକୃତପକ୍ଷେ ବିହାରର ଚମ୍ପାରଣ ନୁହେଁ ଓଡ଼ିଶା ହିଁ ଭାରତବର୍ଷ ଦାରିଦ୍ର୍ୟର ପ୍ରତିଛବି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ କୋହଭରା ଏକାଧିକ ଚିଠି ତାଙ୍କୁ ଯଥାର୍ଥରେ ବିଚଳିତ କରିଥିଲା ଓ ସେ ଓଡ଼ିଶାକୁ ବାରମ୍ବାର ଆସି ପ୍ରାୟ ସବୁ ଜିଲ୍ଲାକୁ ଓ ଜିଲ୍ଲା ଅନ୍ତର୍ଗତ ଅନେକ ସ୍ଥାନକୁ ପାଦରେ ଚାଲିଚାଲି ଯାଇ ବିପନ୍ନ ଓଡ଼ିଶାର ଦରିଦ୍ର ଖଟିଖିଆଙ୍କ ଜୀବନ ଧାରଣର ମାନ ଓ ବାସଗୃହର ଅବସ୍ଥା ସ୍ୱଚକ୍ଷୁରେ ଦେଖିଥିଲେ । ପୁରୀ ଜିଲ୍ଲା ଡ଼େଲାଙ୍ଗ ଅନ୍ତର୍ଗତ ବେରାବୋଇ ରେ ଗାନ୍ଧୀ ସେବାସଂଘର ତୃତୀୟ ସମ୍ମିଳନୀ ଗାନ୍ଧିଜୀଙ୍କ ଆଗ୍ରହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତ ବର୍ଷର ସବୁ ଶୀର୍ଷ ସ୍ଥାନୀୟ ବ୍ୟକ୍ତି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ସୀମାନ୍ତ ଗାନ୍ଧୀ ଖାଁ ଅବଦୁଲ ଗଫର ଖାନ୍, ରାଜେନ୍ଦ୍ର ପ୍ରସାଦ, ଆଚାର୍ଯ୍ୟ ଜେ. ବି. କ୍ରିପାଳନୀ, କସ୍ତୁରବା ଗାନ୍ଧୀଙ୍କ ସମେତ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ବିଶ୍ୱନାଥ ଦାସ, ଅନ୍ୟତମ ମନ୍ତ୍ରୀ ନିତ୍ୟାନନ୍ଦ କାନୁନ୍ ଗୋ, ହରେକୃଷ୍ଣ ମହତାବ ଓ ଅନେକ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ ଓ ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହି ଗ୍ରାମରେ ଗାନ୍ଧୀଜୀ ସମ୍ପୂର୍ଣ୍ଣ ଗ୍ରାମ୍ୟ ପରିବେଶରେ ନିର୍ମିତ ଅସ୍ଥାୟୀ ଝାଟିମାଟି ଘରେ ସାତ ଦିନ ଅତିବାହିତ କରିଥିଲେ । ପ୍ରାୟ ୪୦୦ ଟି ପତ୍ରକୁଡ଼ିଆରେ ଗାନ୍ଧୀ ଙ୍କ ସମେତ କ୍ୟାମ୍ପର ଅନ୍ତେବାସୀ ବ୍ରହ୍ମେଶ୍ୱର ପୋଖରୀରେ ସ୍ନାନାଦି କରି ଏହି କୁଡ଼ିଆ ମାନଙ୍କରେ ୭ ଦିନ କଟାଇଥିଲେ । ଏପରିଭାବେ ବିଭିନ୍ନ ସ୍ଥାନକୁ ଗସ୍ତକରି ତାଙ୍କ ପ୍ରିୟତମ ରାଜ୍ୟ ଓଡ଼ିଶାକୁ ସ୍ୱଚକ୍ଷୁରେ ଦେଖି ସବୁ ବିଷୟରେ ଜ୍ଞାନ ଆହରଣ ପୂର୍ବକ ଦାରିଦ୍ର୍ୟର କାରଣ ଓ ନିରାକରଣ ଉପାୟ ଖୋଜୁଥିଲେ ଓ ସହକର୍ମୀ ଏବଂ ଅନୁଗତଙ୍କୁ ପ୍ରୋତ୍ସାହନ ଦେଉଥିଲେ । 'କୁଟିଖାଅ କାଟିପିନ୍ଧ' ଏବଂ ଅତି ସରଳ ଜୀବନ ଯାପନର ପ୍ରତ୍ୟକ୍ଷ ଉଦାହରଣ ଦେଇ ନିଜେ ପ୍ରତିଦିନ ସୂତାକାଟି ଘରେ ୨ ଅରଟ ରଖି ପରିବାରର ସମସ୍ତେ ସୂତାକାଟି କିଛି ଉପାର୍ଜନ କରି କ୍ରମଶଃ ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଲେ । ଗାନ୍ଧୀ ବିଚାରିଲେ ଏଇଟା ହିଁ ବିଦେଶୀ ଶୋଷଣରୁ ରକ୍ଷା ପାଇବା ପାଇଁ 'ମୁକ୍ତିର ରୂପ' । ଓଡ଼ିଶାରେ ଗାନ୍ଧିଜୀଙ୍କ ଗସ୍ତ, ପଦଯାତ୍ରା, ଭାଷଣ, ସଭା ସମିତିରେ ଲୋକଙ୍କ ସଙ୍ଗେ କଥୋପକଥନ ଓ ନେତା ଏବଂ କର୍ମୀଙ୍କୁ ପରାମର୍ଶ, ଉଦ୍‌ବୋଧନ ସଂକ୍ରାନ୍ତରେ ଅନେକ ପତ୍ର ପତ୍ରିକାରେ ସ୍ୱତଃ ପ୍ରାଞ୍ଜଳ ଲେଖାମାନ ପ୍ରକାଶିତ ହୋଇଛି । ଅନେକ ଗୁଡ଼ିଏ ପୁସ୍ତକ, ପୁସ୍ତିକା, ପତ୍ରମାଳାରେ ବିଭିନ୍ନ ଅଞ୍ଚଳରେ ତାଙ୍କର ପଦାର୍ପଣ ଓ ସ୍ଥାନୀୟ ସମସ୍ୟାର ସମାଧାନ ସଂକ୍ରାନ୍ତ ସବିଶେଷ ତଥ୍ୟ ମଧ୍ୟ ଉପଲବ୍ଧ । ସେଥିଲେ ଗୋପିନାଥ ମହାନ୍ତିଙ୍କ ଭାଷାରେ 'ଧୂଳି ମାଟିର ସନ୍ଥ' । S.R.M.G ରେ ଅଂଶ ଗ୍ରହଣ କରୁଥିବା ଛାତ୍ର ଛାତ୍ରୀ ଗାନ୍ଧିଜୀଙ୍କ ୧୫୧ତମ ଜନ୍ମ ଜୟନ୍ତୀ ଉତ୍ସବ ଅବସରରେ ଏହି ଅତ୍ୟନ୍ତ ଉପାଦେୟ ଓ ଶିକ୍ଷଣୀୟ ଲେଖା ଗୁଡ଼ିକ ଅଧ୍ୟୟନ କରିବା ବାଞ୍ଛନୀୟ ।

## ମୁକ୍ତି ସମ୍ମାନ

ମୋହନଦାସ କରମଚାନ୍ଦ ଗାନ୍ଧୀ ଗୁଜୁରାଟ ରାଜ୍ୟ ପୋରବନ୍ଦରରେ ଜନ୍ମ ଗ୍ରହଣ କରିଥିଲେ ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ । ୧୮୯୧ ମସିହା ଜୁଲାଇ ୮ ତାରିଖରେ ବାରିଷ୍ଟର ହେବା ପ୍ରମାଣ ପତ୍ର ସହିତ ଇଂଲଣ୍ଡରୁ ଭାରତକୁ ପ୍ରତ୍ୟାବର୍ତ୍ତନ କଲେ । ସର୍ବପ୍ରଥମେ ପୋରବନ୍ଦର ନିକଟସ୍ଥ ସହର ରାଜକୋଟରେ ଓ ପରେ ବମ୍ବେରେ ଓକିଲାତି ଆରମ୍ଭ କଲେ । କିନ୍ତୁ ଦୁଇଟି ଯାକ ସହରରେ ଆଇନ ବ୍ୟବସାୟରେ ଅସଫଳ ହେଲେ । କିଛିଦିନ ପରେ ଦକ୍ଷିଣ ଆଫ୍ରିକାର ଦାଦା ଅବଦୁଲ୍ଲା କମ୍ପାନୀର ଗୋଟିଏ ମୋକଦମା ଲଢ଼ିବା ସୁଯୋଗ ଆସିଲା । ସେ କିଛି ପାରିଶ୍ରମିକ ଓ ଯାତାୟତ ଖର୍ଚ୍ଚ ପାଇବା ସର୍ତ୍ତ ରଖି କମ୍ପାନୀ ସହିତ ଚୁକ୍ତିବଦ୍ଧ ହେଲେ । ତଦନୁଯାୟୀ ୧୮୯୩ ମସିହା

ଏପ୍ରିଲ ୨୪ ରେ ବମ୍ବେ ବନ୍ଦରରୁ ଯାଇ ଦକ୍ଷିଣ ଆଫ୍ରିକା ନାଟାଲ ପ୍ରଦେଶର ଡ଼ର୍ବାନ ବନ୍ଦରରେ ପହଞ୍ଚିଥିଲେ । ଟ୍ରାନ୍ସଭାଲ ପ୍ରଦେଶରେ ମକଦମା ଲଢ଼ିବା ପାଇଁ ଥିଲା । ତେଣୁ ସେ ଡ଼ର୍ବାନରୁ ଟ୍ରାନ୍ସଭାଲ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ଯିବା ବାଟରେ ଡ଼ର୍ବାନର ଗୋଟିଏ କୋର୍ଟ ଦେଖିବା ଇଚ୍ଛା କରି କୋର୍ଟରେ ପ୍ରବେଶ କରିବା ମାତ୍ରେ ଗାନ୍ଧୀଙ୍କ ବେଶଭୂଷା ଓ ପଗଡ଼ି ଦେଖି ବିଚାରପତି ତାଙ୍କୁ 'କୁଲି ବାରିଷ୍ଟର' କହି ତାସ୍ଲ୍ୟ କଲେ । ନୟର୍ଯୋ ନତସ୍ତୋ ଅବସ୍ଥାରେ ପଡ଼ି ଅଯାଚିତ ଭାବେ ବିଚାରପତିଙ୍କୁ କ୍ଷମା ଭିକ୍ଷା କରି ଗନ୍ତବ୍ୟ ପଥକୁ ଆପଣେଇଲେ । ସମ୍ବାଦପତ୍ରରେ ଏ ଖବର ପ୍ରକାଶିତ ହୋଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା । ଅନୁଶୋଚନାରେ ମ୍ରିୟମାଣ ଗାନ୍ଧୀ ଅନେକ ଦୁଃଖ ପାଇଲେ । ଏହାପରେ ଅର୍ଥାତ ତା ୭-୬-୧୮୯୩ ରେ ଡ଼ର୍ବାନର ଚାଲର୍ସ ଟାଉନରୁ ପ୍ରିଟୋରିୟା ଯିବା ପାଇଁ ପ୍ରସ୍ତୁତ ହେଲେ । ଟ୍ରେନରେ ଯିବାପାଇଁ ପ୍ରଥମ ଶ୍ରେଣୀ ଟିକଟ ଯଥାବିଧି କିଣିଲେ ଓ ନିର୍ଦ୍ଧାରିତ ସମୟରେ ଟ୍ରେନର ପ୍ରଥମ ଶ୍ରେଣୀର ଡ଼ବାରେ ଚଢ଼ିଲେ । ରାତି ଘ ୯ ରେ ଟ୍ରେନ ପିଟରମରାଜ ବର୍ଗ (ନାଟାଲର ରାଜଧାନୀ) ରେଳ ପେଟସନରେ ପହଞ୍ଚିଲା । ଏହି ଷ୍ଟେସନ ରେ ଜଣେ ରେଳ କର୍ମଚାରୀ ରାର୍ତ ପାଇଁ ବେଡ଼ିଂ ଦରକାର କି ବୋଲି ପଚାରିବାକୁ ଆସି ଓ ଗାନ୍ଧିଜୀଙ୍କୁ କଳା ଲୋକ ବୋଲି ଜାଣିପାରି ଚକିତ ଓ ବିଚଳିତ ହେଲେ ଓ ତୁରନ୍ତ ଫେରିଯାଇ ଆଉ ଦୁଇଜଣ କର୍ମଚାରୀଙ୍କୁ ଡ଼ାକି ଆଣିଲେ । ସେମାନଙ୍କ ମଧ୍ୟରୁ ଜଣେ ଗାନ୍ଧିଜୀଙ୍କୁ ପ୍ରଥମଶ୍ରେଣୀ ଯାତ୍ରୀଙ୍କ ପାଇଁ ଉଦ୍ଧିଷ୍ଟ ବଗିରେ ଯାତ୍ରା କରି ପାରିବେ ନାହିଁ ଏବଂ ତାଙ୍କୁ ସାଧାରଣ ବଗିକୁ ଯିବାକୁ ହେବ ବୋଲି କହିଲେ । ଗାନ୍ଧୀ ପ୍ରତିବାଦ କଲେ । ସେ ପ୍ରଥମଶ୍ରେଣୀ ପାଇଁ ଟିକଟ କରିଥିବାରୁ ପ୍ରଥମଶ୍ରେଣୀ ବଗିପାଇଁ ତାଙ୍କ ଅର୍ହଣ ଓ ଦାବି ରହିଛି, ତେଣୁ ସେ ଅନ୍ୟ ବଗିକୁ ଯିବାକୁ ଯିବା ପ୍ରଶ୍ନ ଉଠୁ ନାହିଁ ବୋଲି ରୋକ୍ଠୋକ୍ ଜଣାଇଦେଲେ । ତାପରେ କର୍ମଚାରୀଜଣକ ଜଣେ ପୋଲିସ୍ କନଷ୍ଟେବଲ କୁ ଡ଼ାକି ଆଣିଲେ । କନଷ୍ଟେବଲ ଗାନ୍ଧୀଙ୍କ ହାତକୁ ଟାଣି ତାଙ୍କୁ ବଗିରୁ ବାହାର କରିଦେଲେ ଓ ତାଙ୍କର ସମସ୍ତ ଜିନିଷକୁ ପ୍ଲାଟଫର୍ମରେ ରଖିଦେଲେ । ଗାନ୍ଧୀ କିନ୍ତୁ ଅନ୍ୟ ବଗିକୁ ଯିବା ପାଇଁ ଚିନ୍ତା ମଧ୍ୟ କଲେ ନାହିଁ । କେବଳ ହାତ ମୁଣିଟିକୁ ଧରି ଅପେକ୍ଷାଗାରରେ ବସିରହିଲେ । ଅନ୍ୟ ଲଗେଜ୍ ସେମିତି ପଡ଼ିରହିଥିଲା ପ୍ଲାଟଫର୍ମରେ । ପ୍ରଚଣ୍ଡ ଶୀତରେ ଥରି ଥରି ବିଶ୍ରାମାଗାରରେ ରହିଲେ ସିନା, ଲଗେଜ୍ ରେ ଥିବା ଓଭରକୋଟଟିକୁ ଆଣିବା ପାଇଁ ମଧ୍ୟ ଗଲେ ନାହିଁ । ଅସହ୍ୟ ଥଣ୍ଡାରେ ସେ ରାତି ତମାମ ଥରୁଥିଲେ ହେଁ ସେ କେବଳ ଦକ୍ଷିଣ ଆଫ୍ରିକାର ବିଷାକ୍ତ ବର୍ଣ୍ଣ ବିଦ୍ଵେଶ ଓ ମଣିଷ ପ୍ରତି ମଣିଷର ଘୃଣାଭାବ କଥା ଭାବି ଭବିଷ୍ୟତ ପାଇଁ କି ନିଷ୍ପତି ନେବେ ତାହା ସ୍ଥିର କରି ପାରୁନଥିଲେ । ରେଳ କର୍ମଚାରୀ ଓ ପୋଲିସ୍ କନେଷ୍ଟବଲଙ୍କ ବ୍ୟବହାର ଓ ଦୌରାତ୍ମ୍ୟ ତାଙ୍କୁ ଏତେ ବିବ୍ରତ କରିଥିଲା ଯେ ମୁହୁର୍ତ୍ତକ ପାଇଁ ସେ ପଟିରସ୍ ବର୍ଗ ରେଳଷ୍ଟେସନରୁ ଭାରତ ଫେରି ଆସିବା ପାଇଁ ଚ଼ିନ୍ତା କଲେ । ନିଜର କଷ୍ଟ ଓ ଅପମାନ ତାଙ୍କୁ ଯେତିକି ଆଘାତ ଦେଇ ନଥିଲା ତାହାର ଶତଗୁଣ ଯନ୍ତ୍ରଣା ଦେଇଥିଲା ନିଜ ଆଖିରେ ଦେଖିଥିବା ବର୍ଣ୍ଣବୈଷମ୍ୟର ନଗ୍ନ ରୂପ । ଏ ଘଟଣା ହୁଏତ ଦୁର୍ଘଟଣା ସଂକ୍ରାନ୍ତରେ ତୁହାକୁ ତୁହା ଭାବିବା ପରେ ନିଜ ସହିତ ଯୁକ୍ତି ପ୍ରତିଯୁକ୍ତି କରି ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ ସ୍ୱୟଂ ସମ୍ମୁଖିନ ହୋଇଥିବା ଏହି ଅମୂଳକ ଓ ଅଶୋଭନୀୟ ଆଚରଣ ଯୋଗୁଁ ଦକ୍ଷିଣଆଫ୍ରିକା ଛାଡ଼ି ପଳାଇଆସିବା ଜଣେ ପଳାୟନ ପନ୍ଥୀର ଭିରୁତାର ପରିଚାୟକ ହେବ ଓ କ୍ରମଶଃ ଧାରଣ କରିବ ଉଗ୍ରରୂପ । ପ୍ରଭାତରେ ଶୁଭ ମୁହୂର୍ତ୍ତରେ ଗାନ୍ଧିଜୀ ମନସ୍ଥିର କଲେ ଯେ ସେ ଦକ୍ଷିଣ ଆଫ୍ରିକାରେ ହିଁ ରହିବେ ଓ ସଂଗ୍ରାମ କରିବେ ଏହି ସାମାଜିକ କଳଙ୍କର ମୂଳୋତ୍ପାଟନ ପାଇଁ । ଦକ୍ଷିଣ ଆଫ୍ରିକା ତାଙ୍କର ସଂଗ୍ରାମ ଓ କର୍ମଭୂମିରେ ରୂପାନ୍ତରିତ ହାଲା ଅବଲୀଳା କ୍ରମେ ବର୍ଷକ ପାଇଁ ମକଦମା ଲଢ଼ିବା ପାଇଁ ଯାଇଥିବା ବାରିଷ୍ଟର ଗାନ୍ଧୀ ଆଇନ ବ୍ୟବସାୟ ଓ ଅନ୍ୟାନ୍ୟ ବୈପ୍ଳବିକ ତଥା ରଚନାତ୍ମକ କାର୍ଯ୍ୟକ୍ରମରେ ମନୋନିବେଶ କରି ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ରହିଗଲେ ବିଭିନ୍ନ ଲୋକଙ୍କ ବିଶ୍ୱାସ ଭାଜନ ହୋଇ ।

ପିଟରମରିଜବର୍ଗ ରେଳ ଷ୍ଟେସନରେ ତା ୭ -୦୬ -୧୮୯୩ ରେ ଘଟିଥିବା ଦୁର୍ଭାଗ୍ୟପୂର୍ଣ୍ଣ ଅଘଟଣର ୧୦୩ ବର୍ଷ ୧୦ ମାସ ୧୮ ଦିନ ପରେ ସେହି ରେଳ ଷ୍ଟେସନରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଗାନ୍ଧିଜୀଙ୍କୁ

ପିଟରମରିଜବର୍ଗ ସହରର ଶ୍ରେଷ୍ଠ ନାଗରିକ ସମ୍ମାନ ପ୍ରଦାନ କରିଥିଲେ ଦକ୍ଷିଣ ଆଫ୍ରିକାର ସମ୍ମାନନୀୟ ରାଷ୍ଟ୍ରପତି ଭାରତ ରତ୍ନ ଡ଼ଃ ନେଲସନ୍ ମାଣ୍ଡେଲା । ସଂଯୋଗ କ୍ରମେ, ମହାତ୍ମାଗାନ୍ଧୀଙ୍କ ତରଫରୁ ପିଟରମରଜିବର୍ଗର ମୁକ୍ତି ସମ୍ମାନ ଦକ୍ଷିଣ ଆଫ୍ରିକାରେ ଅବସ୍ଥାପିତ ହୋଇଥିବା ତତ୍କାଳୀନ ଭାରତୀୟ ରାଷ୍ଟ୍ରପତି ଗାନ୍ଧିଜୀଙ୍କ ପୌତ୍ର ଶ୍ରୀ ଗୋପାଳକୃଷ୍ଣ ଗାନ୍ଧୀ ଗ୍ରହଣ କରିଥିଲେ ।

'ମୁକ୍ତି ସମ୍ମାନ' ଅର୍ପଣ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଷ୍ଟ୍ରପତି ଭାରତରତ୍ନ ଡ଼ଃ ମାଣ୍ଡେଲା ପିଟରମରୀଚବର୍ଗର ନଗର ପାଳଙ୍କୁ ସମ୍ବୋଧନ କରି ଯେଉଁ ଅଭିଭାଷଣ ଦେଇଥିଲେ ତାହାର ଅନୁଦିତ କିୟଦଂଶ ଥିଲା ଏହିପରି –

ନଗର ପାଳକ ମହୋଦୟ,

ଆପଣଙ୍କ ନାଗରିକ ସଭା ଆଜି, 'ସହରର ଶ୍ରେଷ୍ଠ ନାଗରିକ ସମ୍ମାନ' ଗାନ୍ଧିଜୀ ଙ୍କୁ ସେହି ରେଳଷ୍ଟେସନରେ ପ୍ରଦାନ କରି ଆମ୍ଭମାନଙ୍କୁ ଗୌରାବନ୍ୱିତ କରିଛି । ୧୮୯୩ ଗାନ୍ଧୀ ଯେଉଁ ମାର୍ଗରେ ଯାତ୍ରା କରିଥିଲେ ଆଜି ଦେଶ ଏକାଠି ହୋଇ ଆମ ଇତିହାସ କୁ ସ୍ମରଣୀୟ କରୁଛନ୍ତି ତାହାର ଅନୁଭବ ଅତୁଳନୀୟ । ବର୍ତ୍ତମାନ ମୁଁ ମାନ୍ୟବର ରାଷ୍ଟ୍ରଦୂତ ଗୋପାଳକୃଷ୍ଣ ଗାନ୍ଧୀଙ୍କୁ ପୀଟରମରଜିବର୍ଗର ମୁକ୍ତି ସମ୍ମାନ ତାଙ୍କ ପିତାମହଙ୍କ ପକ୍ଷରୁ ଗ୍ରହଣ କରିବାପାଇଁ ଆହ୍ୱାନ କରୁଛି ।

ଏହି ଅବସରରେ ନବପୀଟରମରଜୀବର୍ଗ ନଗର ଓ ନୂତନ ଆଫ୍ରିକାର ଜନ୍ମ ପାଇଁ ମହାତ୍ମା ଗାନ୍ଧୀଙ୍କ ଅବଦାନ ପାଇଁ ଆମେ ବିନମ୍ର ଭାବରେ ସ୍ୱୀକାର କରୁଛୁ । ଆମ ଇତିହାସ ରେ ଅନ୍ଧକାରମୟ କାଳରେ ଭାରତର ଜନତା କିଭଳି ଭାବରେ ଆମକୁ ସାହାଯ୍ୟ କରିଥିଲେ, ଆଜିର ଏ ସମ୍ମାନ ଏକ ପ୍ରତୀକ ହୋଇ ରହିବ ।

ସମ୍ମାନ ଗ୍ରହଣ କଲାବେଳେ ଗୋପାଳକୃଷ୍ଣ ଗାନ୍ଧୀ ଅତ୍ୟନ୍ତ ଭାବୋଚ୍ଛାସ ଓ ଅତୀତର ଭାବବିହ୍ୱଳ ରୋମନ୍ଥନ ଏକ ଅବଶ୍ୟ ପଠନୀୟ ଦସ୍ତାବିଜ । ଏହି ସୀମିତ ପରିସର ଉପଯୋଗୀ ଉପସଂହାରର କିୟଦଂଶ ଏଠାରେ ଉଦ୍ଧାର କରାଗଲା –

"ମହାଭାଗ – ମୁଁ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ପକ୍ଷରୁ ଆଜି ପୀଟରମରୀଜବର୍ଗ ନଗର ପାଳିକାର ମରଣୋତ୍ତର ସମ୍ମାନ ଗଭୀର କୃତଜ୍ଞତା ଓ ନମ୍ରତାର ସହିତ ଗ୍ରହଣ କରୁଛି । ଏହି ସମ୍ମାନର ପ୍ରକୃତ ଉତ୍ତରାଧିକାରି ହେଉଛନ୍ତି, ଭାରତବାସୀ, ଏବଂ ମୋର ସୌଭାଗ୍ୟ ଯେ ଏହି ସମ୍ମାନ ସହିତ ମୁଁ ସେମାନଙ୍କ ସହଭାଗୀ ହେବାର ଦାୟିତ୍ୱ ନେଉଛି । ରାଷ୍ଟ୍ରପତି ମହୋଦୟ ଭାରତର ଜନସାଧାରଣଙ୍କ ସହିତ ଦକ୍ଷିଣ ଆଫ୍ରିକାର ଅଧିବାସୀ ମାନଙ୍କର ଯେଉଁ ଭାବଗତ ଐକ୍ୟ ରହିଛି, ତାହା ଏହି ସମ୍ମାନର ପ୍ରତୀକ ସବବେଳେ ମନେପକାଇ ଦେବ । ମୋହନଦାସ କରମଚାନ୍ଦ ଗାନ୍ଧୀ ଦକ୍ଷିଣ ଆଫ୍ରିକାର ଅଧିବାସୀ ମାନଙ୍କୁ ନିଜର ଅତ୍ୟନ୍ତ ଅନ୍ତରଙ୍ଗ ବୋଲି ମାନି ନେଇଥିବା ସତ୍ୟକୁ ଆଜିର ଏହି ଭବ୍ୟ ଉତ୍ସବ ସମ୍ମାନର ସହିତ ସ୍ୱୀକାର କରୁଛି ।"

ଦକ୍ଷିଣ ଆଫ୍ରିକାର ରାଜଦୂତ ହରିଶ ମାଜେକ୍ ଙ୍କ ଉକ୍ତି 'ନେଲସନ୍ ମାଣ୍ଡେଲା ଆମର ପିତା, କିନ୍ତୁ ମହାତ୍ମା ଗାନ୍ଧୀ ଆମ ପିତାମହ' ଏଥିରେ ଅତିଶୟୋକ୍ତି କିଛି ନାହିଁ । ମିଳିତ ଜାତିସଙ୍ଘ ଉଦ୍‌ଘୋଷିତ ଆନ୍ତର୍ଜାତିକ ଅହିଂସା ଦିବସ ଗାନ୍ଧିଜୀଙ୍କ ଜନ୍ମତିଥି ଅକ୍ଟୋବର ୨ ରେ ଆମ ଜାତୀୟ ପିତା ମହାତ୍ମାଗାନ୍ଧୀଙ୍କୁ S.R.M.G ତରଫରୁ ସଶ୍ରଦ୍ଧ କୁସୁମାଞ୍ଜଳି ।

ରଘୁନାଥ ମିଶ୍ର
ଚେୟାରମ୍ୟାନ୍

# Glimpses of 150th Birth Anniversary Celebrations of MAHATMA GANDHI

















**BUXI JAGABANDHU ENGLISH MEDIUM SCHOOL**
M-15, BJB Nagar, Bhubaneswar-751014, Odisha
Tel: 0674-2310457 / 2310442 , E-mail : bjemschool.100@rediffmail.com
Website : www.bjemschool.org